# Akashvani, Sambalpur

## SAMBALPURI NEWS BULLETIN

### 3 April 2025- 6.47- 6.52 am.

******************************************

ୱାକଫ୍ ସଂଶୋଧନ୍ ବିଲ୍ ପାରିତ୍    ଆର୍ଏନ୍ୟୁ/ ସମ୍ବଲପୁର

ଲୋକ୍ସଭା ନ ଗଲାକାଏଲ୍ ୱାକଫ୍ ସଂଶୋଧନ୍ ବିଲ୍ ପାରିତ୍ ହେଇଯାଇଛେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ ରିଜିଜୁ ଲୋକ୍ସଭା ନ ଇତାକେ ଆଗତ୍ କର୍ବାର୍ ଉତ୍ରୁ ତାର୍ ଉପ୍ରେ ଆଲୋଚନା ହେଇଥିଲା । ପାଖାପାଖି ୧୨ ଘଂଟାର୍ ବିତର୍କ ଉତ୍ରୁ ଇ ବିଲ୍ ପାରିତ୍ ହେଇଛେ । ମୁସଲ୍ମାନ୍ ମାନ୍କର୍ ଧର୍ମୀୟ କାର୍ଯ୍ୟଧାରା ସହେତେ ଇତାର୍ କେନ୍ସି ସମ୍ପର୍କ ନାଇଁନ ଆଉ ଇଟା ଖାଲି ୱାକଫ୍ ବୋର୍ଡ଼ର ସମ୍ପତି ସାଙ୍ଗେ ଜଡ଼ିତ୍ ଆଏ ବଲି ମନ୍ତ୍ରୀ ଶ୍ରୀ ରିଜିଜୁ ସ୍ୱଷ୍ଟ କରିଛନ୍ । ସର୍କାର୍ ୱାକଫ୍ ବୋର୍ଡ଼କେ ସମାବେଶୀ ଆଉ ଧର୍ମନିରପେକ୍ଷ କର୍ବାର୍କେ ଚାହୁଁଛନ୍ ।

ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଲ୍ ପାରିତ ଆର୍ଏନ୍ୟୁ/
ସମ୍ବଲପୁର

ବିଧାନ୍‌ସଭା ନ ଆଏଜ୍ ବିଶ୍ୱବିଦ୍ୟାଲୟ ସଂଶୋଧନ୍ ବିଲ୍ ପାରିତ୍ ହେଇଛେ । ପାଖାପାଖି ୧୨ ଘଂଟାର୍ ଆଲୋଚନା ଉତ୍‌ରୁ ପହପହ ସାଢ଼େ ୪ ବଜେନିକେ ବାଚନିକ୍ ଭୋଟ୍‌ଥି ଇ ବିଲ୍ ପାରିତ୍ ହେଇଛେ । ଗଲାକାଏଲ୍ ଉପର୍‌ବେଲା ଇ ବିଲ୍ ଉପ୍‌ରେ ଚର୍ଚ୍ଚା ମୁଲ୍ ହେଇଥିଲା । ବିଲ୍ ଉପ୍‌ରେ ଆଲୋଚନା ବେଲ୍‌କେ ବିରୋଧୀ ବିଜେଡ଼ି ବିଧାୟକ୍‌ମାନେ ଇତାକେ କଡ଼ା ବିରୋଧ୍ କରିଥିଲେ । ହେଲେ ବିଶ୍ୱବିଦ୍ୟାଲୟର୍ ସ୍ୱାୟତତା ବଜାୟ ରଖିବାର୍ ଲାଗି ଇ ସଂଶୋଧନ୍ ଜରୁରୀ ଆଏ ବଲି ଶାସକ୍ ଦଲ୍ ତର୍‌ଫୁ କୁହାଯାଇଥିଲା । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଢେରିରାତି ଇତାର୍ ଉପ୍‌ରେ ଉତର୍ ରଖିଥିଲେ ।

ହସ୍ତତନ୍ତ ବସ୍ତ୍ର-ବିଧାନ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୨୬ ଟା ଜିଲ୍ଲା ନ ୨୦୨୩ -୨୪ ଆର୍ଥିକ୍ ବଛ୍‌ରେ ଶହେ ୯୮ ଦଶ୍‌ମିକ୍ ୪/୬ ଲାଖ୍ ବର୍ଗମିଟର୍ ହସ୍ତତନ୍ତ ବସ୍ତ୍ର ଉତ୍ପାଦନ୍ କରାହେଇଛେ । ଇତାର୍ ଉତ୍ପାଦନ୍ ଲାଗି ୧ ଲାଖ୍ ୨୬ ହଜାର୍ ୮ ଶହ ୭୩ ଝନ୍ ବୁଣାକାର୍ ନିୟୋଜିତ୍ ଅଛନ୍ ବଲି ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାନ୍‌ସଭା ନ କହିଛନ୍ ।

ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ଭିତ୍ରୁ ବୟନିକା ୧୩ ଲାଖ୍ ୯୫ ହଜାର୍ ବର୍ଗମିଟର୍‌ର ହସ୍ତତନ୍ତ ବସ୍ତ୍ର ଘିନ୍‌ସି । ହସ୍ତତନ୍ତ ବସ୍ତ୍ର ବିକ୍ରି ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ଗୃହ ନ ସୂଚ୍‌ନା ଦେଇଛନ୍ ।

ଆମ ପୋଷାକ- ଆମ ପରିଚୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଏପ୍ରିଲ୍ ୧ ନୁ ୧୪ ତାରିଖ୍‌ତକ୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଇ ଅବ୍‌ସରେ ଆଏଜ୍ ପାରମ୍ପାରିକ୍ ଓଡ଼ିଆ ପୋଷାକ୍ ଆଉ ଓଡ଼ିଶା ହସ୍ତତନ୍ତ ବୟନଶିଳ୍ପର୍ ପ୍ରଚାର୍ ପ୍ରସାର୍ ଲାଗି ହସ୍ତତନ୍ତ ବୟନଶିଳ୍ପ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ପାରମ୍ପରିକ୍ ପୋଷାକ ପରିଧାନ୍ 'ଆମ ପୋଷାକ- ଆମ ପରିଚୟ' ଦିବସ୍ ପାଲନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଗୁଟେ ବାର୍ତା ଦେଇକରି କହିଛନ୍, ଆମର୍ ବସ୍ତ୍ର ହେଉଛେ ଆମର୍ ସ୍ୱାଭିମାନ୍ ଆଉ ପରିଚୟ । ସମ୍ବଲ୍‌ପୁରୀ, ସୋନ୍‌ପୁରୀ, ବମ୍‌କେଇ, ମାଣିଆବନ୍ଧ, କୋଟପାଡ଼୍, ହସ୍ତତନ୍ତ ପୋଷାକ ଆଉ ଶାଢ଼ୀ ସହେତେ ଖୋର୍ଦ୍ଧା

ଲୁଙ୍ଗି ଆର୍ ଗାମ୍ଛା ରାଜ୍ୟ ଆଉ ରାଜ୍ୟ ବାହାରେ ବହୁତ୍ ନାଁ କରିଛେ । ମୁଖ୍ୟମନ୍ତ୍ରୀ କହିନ୍ ଯେ, ଓଡ଼ିଶା ହସ୍ତତନ୍ତ ସାରା ପୁର୍ଥି ନ ନିଜର୍ ଖାସ୍ ପରିଚୟ ବନେଇପାରିଛେ ଆଉ ଇସବୁ ବସ୍ତ୍ର ପିନ୍ଧ୍‌ବାର୍ ଲାଗି ଆମର୍ ଅର୍ଥନୀତି ଭିଲ୍ ସମୃଦ୍ଧ ହେଇଛେ । ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ହସ୍ତତନ୍ତ ପୋଷାକ ପିନ୍ଧ୍‌ବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ଖାଲି ଆଏଜ୍ ଗୁଟେ ଦିନେ ନୁହେଁ ସବୁଦିନ୍ ହସ୍ତତନ୍ତ ପିନ୍ଧିକରି ଓଡ଼ିଶାର୍ ବୁନ୍‌କାର୍ ଆର୍ ଗ୍ରାମ୍ୟ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିଦ୍ୟାଲୟ ପ୍ରବେଶ୍ ଉତ୍ସବ୍-କେନ୍ଦ୍ରଶିକ୍ଷାମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନ୍‌ଥି ରାଏଜେ ପହେଲାଥର୍ ଲାଗି ଗଲାକାଏଲ୍ ଶିଶୁବାଟିକା ନ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁର ମୁଲ୍ ହେଇଛେ । ଛାତ୍ରଛାତ୍ରୀ ମାନ୍‌କୁ ଭଲ୍ ଆଉ ଗୁଣାତ୍ମକ ଶିକ୍ଷା ଦେବାର୍ ସହେତେ ସେମାନ୍‌କର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍ ଗଢ଼୍‌ବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରଶଂସା କରିଛନ୍ । କେନ୍ଦ୍ରମନ୍ତ୍ରୀ ଛୁଆମାନ୍‌କର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍ କାମ୍‌ନା କର୍‌ବାର୍

ସହେତେ ଓଡ଼ିଆ ପକ୍ଷ ପାଲନ୍ ହେଉଥିବା ସମିଆଥି ଛୁଆମାନ୍‌କୁ ବିଦ୍ୟାଲୟକେ ଆକୃଷ୍ଟ କର୍‌ବାର୍ ଲାଗି ଏନ୍ତା ବିଶେଷ୍ କାର୍ଯ୍ୟକ୍ରମ୍ ସ୍ୱାଗତ୍ ଯୋଗ୍ୟ ଆଏ ବଲି କହିଛନ୍ ।

ମାରାଗୁଡ଼ା ଲୋକ୍‌ମହୋତ୍ସବ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ମାରାଗୁଡ଼ା ଲୋକ୍‌ମହୋତ୍ସବ୍ ର ଦୁଇ ନମ୍ବର୍ ବେଲ୍‌ବୁଡ଼େ ଆନୁଷ୍ଠାନିକ୍ ସାଂସ୍କୃତିକ୍ ସଭା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ମାରାଗୁଡ଼ା ଲୋକ୍‌ମହୋତ୍ସବ୍ ଅଂଚଲ୍‌ର ସଂସ୍କୃତି ଆଉ ଅନନ୍ୟ ପରମ୍ପରାକେ ଉଜ୍ଜିବିତ୍ ରଖିବାର୍ ଗୁଟେ ମାଧ୍ୟମ୍ ବଲି କହିଥିଲେ ।

ବାରବାଟୀ -ଆନ୍ତର୍ଜାତୀୟ ଟି-ଟ୍ୱେଂଟି     ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ଡିସେମ୍ବର୍ ୯ ତାରିଖ୍ ଦିନ ଆନ୍ତର୍ଜାତୀୟ ଟି-ଟ୍ୱେଂଟି ମେଚ୍ ଭାରତ୍ ଆର୍ ଦକ୍ଷିଣ୍

ଆଫ୍ରିକା ଭିତ୍‌ରେ ଖେଲାଯିବା । ଇ ବାବ୍‌ଦେ ଗଲାକାଏଲ୍ ବିସିସିଆଇ ତର୍‌ଫୁ ଘରୋଇ ଶୃଙ୍ଖଲାର୍ ଖେଲ୍‌ସୂଚୀ ଔପଚାରିକ୍ ଭାବେ ଘୋଷ୍‌ନା କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା । କଲାହାଣ୍ଡି, ନୂଆପଡ଼ା, ବୌଦ୍ଧ ଆର୍ ବଲାଙ୍ଗିର୍ ବାଗିର୍ ଜିଲ୍ଲାମାନ୍‌କେ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲାକାଏଲ୍ ବଲାଙ୍ଗିର୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ସେନ୍ତା ବୌଦ୍ଧ ନ ୪୦ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ସବୁ ଜାଗା ନ ତାତି ୪୦ ଡିଗ୍ରୀନୁ କମ୍ ଥିଲା ।

ସୁବର୍ଣ୍ଣପୁର୍ - ଦଁଡ଼ ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶୈବଶାକ୍ତ ସଂସ୍କୃତିର୍ ଅନନ୍ୟ ପରମ୍ପରାର୍ ଦଁଡ଼୍ ଯାତ୍ରା ଗାଁମାନ୍‌କେ ଚାଲିଥିବାର୍ ବେଲ୍‌କେ ଗଲାକାଏଲ୍

ବୀର୍‌ମହାରାଜ୍‌ପୁର୍ ମେଣ୍ଢାମାଲ୍ ଗାଁ ନ ଅଷ୍ଟଶମ୍ଭୁ ମିଲନ୍ ହେଇଯାଇଛେ । ବୀର୍‌ମହାରାଜ୍‌ପୁର୍ ଅଂଚଲ୍‌ର ପୁର୍‌ନା ଆଉ ନାଁକରା ୮ ଟା ଦଁଡ୍ ଦଲ୍ ଗୁଟେ ଠାନେ ହେଇକରି ଶିବ ଆଉ ରୁଦ୍ରକାଲୀଙ୍କୁ ପୂଜା କରିଛନ୍ । ଇ ଅବ୍‌ସରେ ହଜାର୍ ହଜାର୍ ବ୍ରତଧାରୀ ଦଁଡୁଆ ଆର୍ ଶ୍ରଦ୍ଧାଲୁମାନ୍‌କର୍ ସମାଗମ୍ ହେଇଛେ ।